## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମେ'୧୮ରୁ ଯୁକ୍ତ ୩ ତୃତୀୟ ସେମିଷ୍ଟର ପରୀକ୍ଷା
#### ଆସନ୍ତା ୨୦ରୁ ଫର୍ମ ପୂରଣ

ବ୍ରହ୍ମପୁର ଅଫିସ,୧୮।୪-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ମହାବିଦ୍ୟାଳୟରେ ୨୦୨୦-୨୩ ଶିକ୍ଷା ବର୍ଷରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମ ଲେଖାଇଥିବା ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ତୃତୀୟ ସେମିଷ୍ଟର ପରୀକ୍ଷା ମେ' ୧୮ ରୁ ଆରମ୍ଭ ହେବ। ପରୀକ୍ଷା ପୂର୍ବରୁ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ୧୩୬ ମହାବିଦ୍ୟାଳୟର ପ୍ରାୟ ୩୦ହଜାର ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ଏପ୍ରିଲ ୨୦ ରୁ ଆରମ୍ଭ ହେବ। ଫର୍ମ ପୂରଣର ଶେଷ ତାରିଖ ମେ ୨ ରହିଛି। ଏଥି ନିମନ୍ତେ ପରୀକ୍ଷା ତାରିଖ ଧାର୍ଯ୍ୟ ହୋଇ ସାରିଥିବା ବେଳେ ଏପ୍ରିଲ ୨୦ ସୁଦ୍ଧା ଯୁକ୍ତ ୩ ତୃତୀୟ ସେମିଷ୍ଟର ବିଜ୍ଞାନ,ବାଣିଜ୍ୟ ଓ କଳା ପରୀକ୍ଷାର୍ଥୀଙ୍କ କାର୍ଯ୍ୟସୂଚୀ ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ଼.ସୁରେନ୍ଦ୍ର କୁମାର ସେଠୀଙ୍କ ଠାରୁ ପ୍ରକାଶ।

### ଗଞ୍ଜାମ ଜିଲା କ୍ଷତ୍ରିୟ ସମାଜ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୧୮।୪: ଗଞ୍ଜାମ ଜିଲା ଖଣ୍ଡାୟତ କ୍ଷତ୍ରିୟ ସମାଜର କାର୍ଯ୍ୟକାରିଣୀ ବୈଠକ ସୋମବାର ବ୍ରହ୍ମପୁରସ୍ଥିତ ଦଳପତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ବାୟାମନ ଚର୍ଚ୍ଚି ଅଧକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ସଂଘ ସହ ଅନୁବନ୍ଧିତ ୧୧ଟି ବିଭିନ୍ନ ସମାଜର କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସଙ୍ଗେସଙ୍ଗେ ଉପଖଣ୍ଡ ବ୍ଲକ ଓ ପଞ୍ଚାୟତସ୍ତରର ସଙ୍ଗଠନକୁ କାର୍ଯ୍ୟକ୍ଷମ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜର ଦିବଂଗତ ସଦସ୍ୟମାନଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ଭିକାରି ଚରଣ ନାୟକ, କାମେଶ୍ୱର ମହାନ୍ତି, ସୀମାଞ୍ଚଳ ପ୍ରସାଦ ବିଶୋୟୀ, କିରଣ କୁମାର ମଣ୍ଡଳ, ଶାନ୍ତି ଭୂଷଣ ରାଉତ, ଗୁରୁ ଚରଣ ପାତ୍ର, କାହ୍ନୁ ଚରଣ ବିଶୋୟୀ ଓ ସୁଶାନ୍ତ ସାସ୍ମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବୈଠକ ଶେଷରେ କାର୍ତ୍ତିକେୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

ଆସିକା,୧୮।୪(ଡି.ଏନ.ଏ)-ଆସିକା ଥାନା ଇଲାକାର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୁଗୁଡା ଥାନା ଇଲାକାର ଆଲୋକ ପାଳ । ଏ ନେଇ ଆସିକା ଥାନାରେ ନଂ.୧୯୦/୨୨ରେ ଏକ ମାମଲା ରୁଜୁ କରାଯାଇଛି । ପୀଡିତାଙ୍କୁ ବ୍ରହ୍ମପୁରସ୍ଥିତ ବଡମେଡିକାଲ ଓ ଅଭିଯୁକ୍ତଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ମାଜିଷ୍ଟ୍ରେଟଙ୍କ ନିକଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ଜଣକ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ବର୍ତ୍ତମାନ ପୀଡିତା ଜଣକ ଅନ୍ତଃସତ୍ତ୍ୱା ରହିଥିଲା ବେଳେ ଅଭିଯୁକ୍ତ ତାଙ୍କ ସହ କୌଣସି ସମ୍ପର୍କ ରଖୁ ନ ଥିବାରୁ ବାଧ ହୋଇ ପୀଡିତା ପୋଲିସର ଆଶ୍ରୟ ନେଇଛନ୍ତି।

# ଅଭିଯୁକ୍ତ ଗିରଫ ନ ହେଲେ ହଙ୍ଗର ଷ୍ଟ୍ରାଇକ୍ ଚେତାବନୀ

## ଗୋଳନ୍ଥରା ଥାନା ହାଜତ ମୃତ୍ୟୁ ମାମଲା

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ଗୋଳନ୍ଥରା ଥାନା ହାଜତ ମୃତ୍ୟୁ ଘଟଣାରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ଏଥି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏଭଳି ସଙ୍ଗୀନ ଅଭିଯୋଗ ନେଇ ସୋମବାର ମୃତ ଗଣେଶ ଡାକୁଆଙ୍କ ମା' ଶୋଭା ଡାକୁଆ ଓ ତାଙ୍କ ପରିବାର ସମେତ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟ ସଦସ୍ୟମାନେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଦାବି କରିଥିଲେ। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଅନୁପସ୍ଥିତ ରହିଥିବାରୁ ଅତିରିକ୍ତ ଏସ୍‌ପି ଅସିମ ପଣ୍ଡାଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାର ଠିକ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ ନ କରାଗଲେ ଆଗାମୀ ଦିନରେ ମୃତକଙ୍କ ମା ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହଙ୍ଗରଷ୍ଟ୍ରାଇକ କରିବେ ବୋଲି ମଧ ଚେତାବନୀ ଦେଇଛନ୍ତି।




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଗଣେଶଙ୍କୁ ମେ' ୩ରେ ପୋଲିସ ଏକ ମାମଲାରେ ଥାନାକୁ ଆଣି ଅଟକ ରଖିଥିଲା। ତେବେ ରାତି ପ୍ରାୟ ୮ଟାରେ ଥାନା ଝରକାରେ ବେଲ୍ଟ ବାନ୍ଧି ଗଣେଶ ଆତ୍ମହତ୍ୟା କରିଥିବା ନେଇ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲା। ତାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ବଦଳରେ ବେଆଇନ ଭାବେ ପୋଲିସ ରାତାରାତି ବ୍ୟବଚ୍ଛେଦ କରାଇ ସ୍ଥାନୀୟ ନୀଳକଣ୍ଠନଗର ଶ୍ମଶାନରେ ସତ୍କାର କରିଥିଲା। ଏନେଇ ତାଙ୍କ ମା' ଶୋଭା ଗତ ବର୍ଷ ମେ' ୫ରେ ଗୋଳନ୍ଥରା ଥାନା ଓ ଗଞ୍ଜାମ ଏସ୍‌ପିଙ୍କ ନିକଟରେ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହା ପରେ ମଧ ପୋଲିସ ହତ୍ୟା ମାମଲା ରୁଜୁ କରିନଥିଲା। ଏହାକୁ ନେଇ ପରିବାର ପକ୍ଷରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହାର ଶୁଣାଣି କରି ଏହି ଘଟଣାକୁ ନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବା ନିମନ୍ତେ ଗୋଳନ୍ଥରା ଥାନାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶରେ ପୋଲିସ ନଂ.୩୩୨/୨୧ ରେ ଏକ ହତ୍ୟା ମାମଲା ରୁଜୁ କରିଛି। ହେଲେ କୌଣସି ରାଜନୈତିକ ଚାପରେ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଚୁପ ବସି ରହିଛି ବୋଲି ମୃତକଙ୍କ ମା' ଓ ଭାରତୀୟ ବିକାଶ ପରିଷଦ ସଭାପତି ପାଣିଗ୍ରାହୀ ଅଭିଯୋଗ କରିଛନ୍ତି।

### ବେଗୁନିଆପଡା, ବାଲିପଦର ଓ କୋଦଳା ପାଇଁ ଖବରଦାତା ଆବଶ୍ୟକ

ଗଞ୍ଜାମ ଜିଲା ବେଗୁନିଆପଡା, ବାଲିପଦର ବ୍ଲକ ଓ କୋଦଳା ଏନ୍‌ଏସି ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

### ଟ୍ରକ୍ ଧକ୍କାରେ ନାତୁଣୀ ମୃତ, ଆଈ ଗୁରୁତର

ଗୋପାଳପୁର,୧୮।୪(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ଛକ ନିକଟରେ ସୋମବାର ଟ୍ରକ୍ ଧକ୍କାରେ ଆଈଙ୍କ ସମ୍ମୁଖରେ ପାଞ୍ଚ ବର୍ଷୀୟ ନାତୁଣୀଙ୍କ ମୃତ୍ୟୁ ଘଟିଛି। ଆଈଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଗୁରୁତର ଥିବା ବେଳେ ଜୀବନ ସହ ସଂଗ୍ରାମ କରୁଛନ୍ତି। ମୃତକ ହେଲେ ଝୁନୁ ଆଚାର୍ଯ୍ୟଙ୍କ ନାତୁଣୀ ଶୁଭସ୍ମିତା ମହାପାତ୍ର (୫)। ଏହି ଥାନା ଅନ୍ତର୍ଗତ କନିଷି ହାଟ ଗଣେଶ ନଗରର ଝୁନୁ ତାଙ୍କ ନାତୁଣୀ ଦୁହେଁ ମିଶି ପୂର୍ବାହ୍ନ ସମୟରେ କନିଷି ହାଟସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ। କନିଷି ହାଟ ଛକ ନିକଟରେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ଉଭୟଙ୍କୁ ଧକ୍କା ଦେଇଥିଲା। ଖବର ପାଇ କନିଷି ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁଭସ୍ମିତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବା ବେଳେ ଝୁନୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଘରୋଇ ମେଡିକାଲରେ ବିଜୁ ସ୍ୱାସ୍ଥ୍ୟ କାର୍ଡ କାମ ଦେବ ନାହିଁ ବୋଲି କର୍ତ୍ତୃପକ୍ଷ ରୋକ୍‌ଠୋକ୍ ମନା କରି ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଉକ୍ତ ମେଡିକାଲରେ ରୋଗୀଙ୍କ ସମ୍ପର୍କୀୟମାନେ ଟଙ୍କା ଖର୍ଚ୍ଚ କରି ଚିକିତ୍ସା କରାଇଥିଲେ। ପରିବାରର ଆର୍ଥିକ ସ୍ୱଚ୍ଛଳ ନଥିବାରୁ ଝୁନୁଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ଗୋଳନ୍ଥରା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରିଛି। ଝୁନୁଙ୍କ ସ୍ୱାମୀ ଲୋକନାଥ ଆଚାର୍ଯ୍ୟ ଅଭିଯୋଗ କ୍ରମେ ପୋଲିସ ନଂ ୧୨୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନୂଆ ବାରାକ୍ସ ସାହି ପରିଦର୍ଶନ କଲେ ମେୟର




ବାରାକ୍ସ ସାହିରେ ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ଷ୍ଟାଡିୟମ ନିକଟସ୍ଥ ନୂଆ ବାରାକ୍ସ ସାହିକୁ ସୋମବାର ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଗସ୍ତ କରି ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଛନ୍ତି। ସାହି ବାସିନ୍ଦାଙ୍କ କହିବା ମୁତାବକ, ଉକ୍ତ ସାହିଟି ଏକ ମୁହାଁ ରାସ୍ତା ହୋଇଥିବା ବେଳେ ସାହି ମଧ୍ୟରେ ମିଲିଟାରୀ କ୍ୟାଣ୍ଟିନ ଓ ମିଲିଟାରୀ ଚିକିତ୍ସାଳୟ ରହିଛି। ଫଳରେ ଏହି ଏକ ମୁହାଁ ସାହି ରାସ୍ତାରେ ପୂର୍ବାହ୍ନରୁ ଅପରାହ୍ନ ଯାଏ ବିଭିନ୍ନ ଯାନବାହନ ରହିବାରୁ ଯାତାୟାତରେ ସମସ୍ୟା ଉପୁଜୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଏଥିସହ ସ୍କୁଲ ଛାତ୍ରୀଛାତ୍ର ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥିବା ସାହି ବାସିନ୍ଦା ଅଭିଯୋଗ କରିଥିଲେ। ଏଥିସହ ସାହି ମଧ୍ୟରେ ଥିବା ଅନ୍ୟାନ୍ୟ ସମସ୍ୟାକୁ ମଧ ବୁଲି ଦେଖିଥିଲେ। ସାହିର ସମସ୍ୟାକୁ ନେଇ ବହୁବାର ବିଏମ୍‌ସି କର୍ତ୍ତୃପକ୍ଷ ଓ ମିଲିଟାରୀ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ମେୟର କହିଥିଲେ, ମିଲିଟାରୀ କ୍ୟାଣ୍ଟିନ ଓ ହସ୍ପିଟାଲ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ଉପ ବାଚସ୍ପତି ରାମ କୃଷ୍ଣ ପଣ୍ଡା ଓ ବହୁ ସାହି ବାସିନ୍ଦା ଉପସ୍ଥିତ ଥିଲେ।

### ବାପ, ପୁଅ ସହ ଝିଅ ଆହତ ଅଭିଯୋଗ

#### ପାରିବାରିକ ହିଂସା

ଦିଗପହଣ୍ଡି,୧୮।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ରକରି ପି.ଗଣପତି ଦୋରା ଏବଂ ତାଙ୍କ ଝିଅ ତପସ୍ୱିନୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗଣପତିଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ.୧୩୯/୨୨ରେ ଅନୁଯାୟୀ ଅଭିଯୁକ୍ତ ୨ ପୁଅ ପି.ରାମବାବୁ ଦୋରା, ପି.ଶ୍ୟାମ ବାବୁ ଦୋରା ଏବଂ ୨ ବୋହୂ ପି.ସୁଜାତା ଦୋରା, ପି.ପୁଷ୍ପାଞ୍ଜଳୀ ଦୋରାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେହିପରି ପି.ରାମବାବୁ ଦୋରାଙ୍କ ଏତଲା କ୍ରମେ ଥାନା ମାମଲା ନଂ.୧୪୦/୨୨ ଅନୁଯାୟୀ ଅଭିଯୁକ୍ତ ଗଣପତି ଦୋରା ଏବଂ ତପସ୍ୱିନୀ ରାଓଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଏସଆଇ ବଳଭଦ୍ର ଗଣ୍ଡ ଜଣାଇଛନ୍ତି। ଗତ ରବିବାର ପାରିବାରିକ ବିବାଦକୁ କେନ୍ଦ୍ରକରି ଗଣପତିଙ୍କୁ ତାଙ୍କ ସ୍ତ୍ରୀ ଏବଂ ତାଙ୍କ ପୁଅ ରାମବାବୁ ଏକ ଠେଙ୍ଗାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ବାପାଙ୍କ ପାଟି ଶୁଣି ଝିଅ ତପସ୍ୱିନୀ ଆସି ଛଡ଼ାଇବାରୁ ତାଙ୍କୁ ମଧ ସେମାନେ ସଂଘବଦ୍ଧ ଭାବେ ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଗଣପତି ଏବଂ ତାଙ୍କ ଝିଅ ତପସ୍ୱିନୀ ରାମବାବୁଙ୍କ ପ୍ରତି ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି।

### ଆସ୍କାରୋଡ଼ ପୌର ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
## ମହାନଗର ଓ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ବ୍ରହ୍ମପୁର ଅଫିସ,୧୭।୪

ବ୍ରହ୍ମପୁର ଆସ୍କାରୋଡ଼ ସ୍ଥିତ ପୌର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବ୍ରହ୍ମପୁର ମହାନଗର ଓ ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଅଧକ୍ଷତା କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ପ୍ରଭାତୀ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପବିତ୍ର ମହୋନ ସାହୁ ଓ ରାଜେଶ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକର ୧୭ କ୍ଲଷ୍ଟରର ୧୮୦ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୨୫୦ ରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗ ଦେଇଥିଲେ। ମେଳାରେ ଶିକ୍ଷକମାନେ ନିଜଦ୍ୱାରା ପ୍ରସ୍ତୁତ ଏବଂ ସଂଗୃହୀତ ଗଣିତ, ବିଜ୍ଞାନ ପରିବେଶ ଓ ଶିକ୍ଷା ସମ୍ବନ୍ଧୀୟ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ସୁଚିତ୍ରା ମହାପାତ୍ର ଓ ଦୁର୍ବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ମେଳାରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଶ୍ମିତା ସମାନ୍ତ, ଲାଞ୍ଜିପଲ୍ଲୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୀତା ରାଣୀ ବେହେରା ଓ ପଦ୍ମପୁର ଉନ୍ନିତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମାଳୟା ପ୍ରଧାନ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗୀତା ନିମନ୍ତେ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡ଼.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସ୍ଥାନୀୟ କର୍ପୋରେଟର ପଦ୍ମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଂଚାସୀନ ଅତିଥି ।

### ଆଙ୍କୁଲି ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ଶିଳ୍ପାଞ୍ଚଳ ଆଙ୍କୁଲିର ପ୍ରସିଦ୍ଧ ମା' କନକ ଦୁର୍ଗା ଠାକୁରାଣୀ ଯାତ୍ରା ପାଇଁ ସୋମବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଆସନ୍ତା ୧୭ରୁ ମେ ୧୧ ତାରିଖ ପର୍ଯ୍ୟନ୍ତ ଯାତ୍ରା ନିମନ୍ତେ ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ଗତ ରବିବାର ମଧ୍ୟରାତ୍ରିରେ ମାଳି ସାହିସ୍ଥିତ ମା'ଙ୍କ ମନ୍ଦିରରେ ଖୁଣ୍ଟକୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଅଣାଯାଇଥିଲା। ଘଣ୍ଟ, ତାଳ ଓ ବାଦ୍ୟ ବାଜଣାରେ ଅଞ୍ଚଳ କମ୍ପିଥିଲା। ଆଙ୍କୁଲିର ଅସ୍ଥାୟୀ ମଣ୍ଡପ ଆଗରେ ସ୍ଥାପନ ବେଳେ ଶତାଧିକ ମହିଳାଙ୍କ ହୁଳହୁଳି ନାଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପୂଜକ ତଥା ଯାତ୍ରା ବେଳର ଦେଶୀ ବେହେରା କୁହାଯାଉଥିବା ଭାଗ୍ୟ ଗନ୍ତାୟତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ସ୍ଥାନୀୟ ୱାର୍ଡ କର୍ପୋରେଟର ତଥା ଯାତ୍ରା କମିଟି ସଭାପତି ଭାଗୀରଥି ମହାରଣାଙ୍କ ସମେତ କାର୍ଯ୍ୟକାରୀ ସଭାପତି ବ୍ରଜମୋହନ ପ୍ରଧାନ, ସମ୍ପାଦକ ଭବାନୀ ନାହାକ, ପ୍ରଦୀପ ନାୟକ, ପୀତବାସ ପ୍ରଧାନ, ବାବୁ ନାୟକ, ବିଟୁ ପ୍ରଧାନ, ଧୀରେନ ଚୌଧୁରୀ, ଅରୁଣ ପ୍ରଧାନ, ପ୍ରକାଶ ଘଟୁଆଳ, ମୁନା ସେଠୀ, ଏଲ. ସୁଦାମ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବ୍ରହ୍ମପୁର ବଡ଼ ଠାକୁରାଣୀ ଯାତ୍ରା ଭଳି ଏହି ଯାତ୍ରା ପ୍ରତି ୨ ବର୍ଷରେ ହେବାର ପରମ୍ପରା ରହିଛି। ଯାତ୍ରା ଅବସରରେ ବିଭିନ୍ନ କଳାକୁଞ୍ଜ, ଦେବୀ ଦେବଙ୍କ ରଥ ଆକର୍ଷଣୀୟ ହେବ।



ମା' କନକ ଦୁର୍ଗା ଠାକୁରାଣୀ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ଗୁରୁତର
#### ଅବସ୍ଥା ଦେଖିଲେ ଏନ୍‌ଏସି ଅଧକ୍ଷା

ଜି.ଉଦୟଗିରି,୧୮।୪(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ହାଟପଦାସାହିରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମୁନା ନାୟକ। ମୁନାଙ୍କ ଘର ସମ୍ମୁଖକୁ ଲାଗି ରହିଛି ବିଦ୍ୟୁତ ଟ୍ରାନ୍ସମିଟର। ଉକ୍ତ ଟ୍ରାନ୍ସମିଟର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବିଭାଗକୁ ଜଣାଇଥିଲେ ମଧ କେହି ଶୁଣୁନଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ବହୁ ପଶୁପକ୍ଷୀ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଥିବା ବେଳେ ଏବେ ଗଛ ଡାଳ ଏହି ଟ୍ରାନ୍ସମିଟର ଉପରେ ପଡିବା ସହିତ ଏହା ସଂସ୍ପର୍ଶରେ ମୁନା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ମୁନାଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ଦୁର୍ଘଟଣାର କାରଣ ଆଦି ସମ୍ପର୍କରେ ବୁଝିଛନ୍ତି। ବିଦ୍ୟୁତ ବିଭାଗକୁ ଏ ନେଇ ଜଣାଇବା ସହିତ ଏହାର ସ୍ଥାନ ପରିବର୍ତ୍ତନ କରିବାକୁ ସେ ଦାବି କରିଛନ୍ତି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଆରମ୍ଭ

ଫୁଲବାଣୀ ଅଫିସ, ୧୮।୪

କରୋନା କଟକଣା ପାଇଁ ଦୀର୍ଘ ଦୁଇ ବର୍ଷ ଧରି ବନ୍ଦ ରହିଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପୁଣି ସୋମବାର ଆରମ୍ଭ ହୋଇଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକେ ଏଥର ସିଧାସଳଖ ଆସି ନିଜ ଅଭିଯୋଗ ବିଷୟରେ ଜିଲାପାଳଙ୍କୁ ଅବଗତ କରିପାରିବେ । ଅଭିଯୋଗ ଶୁଣାଣି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିଲା । ଜିଲାପାଳ ଡା.ବୃନ୍ଦା ଡି., ଏସ ପି. ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଉପ ଜିଲାପାଳ ଶେଷଦେବ ମିଶ୍ର ଓ ପିଏ ଆଇଟିଡିଏ ବିରେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ୨୮ରୁ ଊର୍ଦ୍ଧ୍ୱ ଅଭିଯୋଗ ଶୁଣାଣି ହୋଇଥିଲା । ସେଥି ମଧ୍ୟରୁ ୪ଜଣଙ୍କୁ ୧୫ ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି।

## ପ୍ଲାଷ୍ଟିକ ଭୟାବହତା ସମ୍ପର୍କରେ ସଚେତନ କରିବେ ଏନ୍‌ସିସି ଓଡିଶା-୨ ବାଟାଲିୟନ

ବ୍ରହ୍ମପୁର ଅଫିସ,୧୮।୪

ସମର ଶିକ୍ଷାର୍ଥୀ ବାହିନୀ(ଏନସିସି) ଓଡିଶା-୨ ବାଟାଲିୟନ ବ୍ରହ୍ମପୁର ଶାଖା ପକ୍ଷରୁ ସୋମବାର ଗାନ୍ଧୀନଗର ସ୍ଥିତ ଏନସିସି କାର୍ଯ୍ୟାଳୟ ପରିସରରେ ଏକ ଖବରଦାଦା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଆସନ୍ତା ୨୦ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କର୍ଣ୍ଣଲ ଭି.ଭି.ରେଡ୍ଡି ଓ କର୍ଣ୍ଣଲ ଭିରେନ କ୍ଷେତ୍ରପାଲ ସୂଚନା ଦେଇଛନ୍ତି। ପ୍ରଥମ ଦିବସରେ ପ୍ଲାଷ୍ଟିକର ଆତଙ୍କ ବିଷୟ ନେଇ ପଥପ୍ରାନ୍ତ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯିବ। ଏ ନେଇ ଗାନ୍ଧୀନଗର ମୁଖ୍ୟ ଛକଠାରୁ ଶୋଭାଯାତ୍ରା ବାହାରି ଖଲିକୋଟ ବିଶ୍ୱବିଦ୍ୟାଳୟଠାରେ ପହଞ୍ଚିବ। ସଡକ ସୁରକ୍ଷା ଓ ପ୍ଲାଷ୍ଟିକ ବ୍ୟବହାର ସମ୍ପର୍କରେ ସଚେତନ କରାଯିବ ବୋଲି କର୍ଣ୍ଣଲ କହିଛନ୍ତି। ସେହିପରି ଦ୍ୱିତୀୟ ଦିନରେ ଏନ୍‌ସିସି କ୍ୟାଡେଟମାନେ ମହୁଡା ସ୍ଥିତ ବର୍ଜ୍ୟବସ୍ତୁ ସୁପରିଚାଳନା ପ୍ଲାଣ୍ଟ୍ ପରିଦର୍ଶନ କରି ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଜ୍ଞାନ ଆହରଣ କରିବେ। ସେହି ଦିନ ସନ୍ଧ୍ୟା ସମୟରେ ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ(ଆଇଟିଆଇ) ପରିଦର୍ଶନ କରି ନଷ୍ଟ ଦ୍ରବ୍ୟରୁ କିଭଳି ଶ୍ରେଷ୍ଠ ପ୍ରତିକୃତି ନିର୍ମାଣ ସମ୍ପର୍କର କ୍ୟାଡେଟମାନଙ୍କୁ ଅବଗତ କରାଯିବ। ତୃତୀୟ ଦିନରେ ଗୋପାଳପୁର ବେଳାଭୂମିଠାରେ ପୁନିତ ସାଗର ଅଭିଯାନ ମାଧ୍ୟମରେ ଗୋପାଳପୁର ବେଳାଭୂମି ସଫେଇ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ପ୍ଲାଷ୍ଟିକର ଅପକାରିତା ସମ୍ପର୍କରେ ସଚେତନ କରାଯିବା ନେଇ କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଏନ୍‌ସିସି ବ୍ରହ୍ମପୁର ଶାଖାର ୪ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେବେ ବୋଲି କର୍ଣ୍ଣେଲ କ୍ଷେତ୍ରପାଲ ସୂଚନା ଦେଇଛନ୍ତି। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଏନ୍‌ସିସି ବାଟାଲିୟନ ପକ୍ଷରୁ କୁହାଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏନସିସି ଅଧିକାରୀ ବୃନ୍ଦ।

## ଗିରଫ ଜ୍ୱାଇଁ କୋର୍ଟ ଚାଲାଣ

#### ଶ୍ୱଶୁରଙ୍କୁ ହତ୍ୟା ଉଦ୍ୟମ

ବ୍ରହ୍ମପୁର ଅଫିସ,୧୮।୪

ଶ୍ୱଶୁରଙ୍କୁ ହତ୍ୟା ଉଦ୍ୟମ ମାମଲାରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତ ଜ୍ୱାଇଁଙ୍କୁ ଗିରଫ କରିଛି। ଗିରଫ ଜ୍ୱାଇଁ ଛତ୍ରପୁରର ମିଟୁ ଦାସ(୩୪)। ଘଟଣା ବେଳେ ବ୍ୟବହୃତ ବ୍ଲେଡ୍‌କୁ ପୋଲିସ ଜବତ କରିଛି। ମାମଲା ନଂ.୧୫୨/୨୨ରେ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ମିଟୁ ସଦର ଥାନା ଗୁରୁଣ୍ଟି ଗ୍ରାମର ବାଞ୍ଛା ଦାସଙ୍କ ଝିଅଙ୍କୁ କିଛିବର୍ଷ ତଳେ ବାହା ହୋଇଥିଲେ। କୌଣସି କାରଣରୁ ମିଟୁ ତାଙ୍କ ଶ୍ୱଶୁରଙ୍କ ସହ ବିଭିନ୍ନ ସମୟରେ ଝଗଡ଼ା କରୁଥିଲେ। ରବିବାର ମିଟୁ ଶ୍ୱଶୁର ଘରକୁ ଯାଇ ସନ୍ଧ୍ୟାରେ ନିଶାସକ୍ତ ଅବସ୍ଥାରେ ଶ୍ୱଶୁରଙ୍କ ସହ ଝଗଡ଼ା କରିଥିଲେ। ପରେ ସେ ଧରିଥିବା ଏକ ବ୍ଲେଡ୍‌ରେ ଶ୍ୱଶୁର ବାଞ୍ଛାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲେ। ଫଳରେ ବାଞ୍ଛା ଗୁରୁତର ହୋଇଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ଉଦ୍ଧାର କରି ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ପରିବାର ଲୋକେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ମିଟୁଙ୍କୁ ଗିରଫ କରିଥିବା କହିଛି।

